# ତହସିଲଦାରଙ୍କ କାର୍ଯ୍ୟାଳୟ,ଧର୍ମଗଡ,ଜିଲ୍ଲା –କଳାହାଣ୍ଡି

## ଲଘୁ ଖଣିଜ ଉତ୍ସ(ପଥର,ବାଲି ଓ ମରୁମ ଖାଦାନ ) ର
## 5 ବର୍ଷିଆ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ବାନ

ଇସ୍ତାହାର ସଂଖ୍ୟା 283 / ତୌଜି ତା 20/05/2020

ଏତଦ୍ବାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ଲଘୁଖଣିଜ ଉତ୍ସ ଗୁଡିକର ଦିର୍ଘମିଆଦି ଲିଜ୍ ତଥା 5 ବର୍ଷ ପାଇଁ ଲିଜ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ବାନ କରାଯାଉଅଛି । ଲିଜ ଅବଧି ଓଡିଶା ଲଘୁ ଖଣିଜ ଦ୍ରବ୍ୟ ନିୟମ 2016 ଅନୁସାରେ ଶେଷ ପ୍ରକ୍ରିୟା କରଣ (ପରିବେଶ ମଞ୍ଜୁରି) ଠାରୁ ଆରମ୍ଭ ହେବ । ଏଥିପାଇଁ ନିର୍ଦ୍ଦିଷ୍ଟ ଫର୍ମରେ ଇଚ୍ଛୁକ ବ୍ୟକ୍ତିମାନେ ଆବେଦନ କରିପାରିବେ ।ପୃଥକ୍ ସଇରାତ ଉତ୍ସ ପାଇଁ ପୃଥକ ପୃଥକ ଫର୍ମରେ ଟେଣ୍ଡର କାଗଜାତ ଦାଖଲ କରିବାକୁ ପଡିବ । ଟେଣ୍ଡର ଫର୍ମ ସହିତ ସବିଶେଷ ବିବରଣୀ ଟ . 1000/- ମୂଲ୍ୟରେ ତହସିଲ କାର୍ଯ୍ୟାଳୟରେ ତା 22/05/2020 ଠାରୁ 05/06/2020 ପର୍ଯ୍ୟନ୍ତ କେବଳ କାର୍ଯ୍ୟଦିବସ ଓ ସମୟ ମଧ୍ୟରେ ତହସିଲର ଶାଖାଧିକାରୀଙ୍କ ଠାରେ ମିଳିପାରିବ । ସବିଶେଷ ବିବରଣୀ(ସର୍ତ୍ତାବଳୀ,ଚୟନ ପ୍ରଣାଳୀ ଇତ୍ୟାଦି) ଜାଣିବା ପାଇଁ ତହସିଲଦାର,ଧର୍ମଗଡଙ୍କ କାର୍ଯ୍ୟାଳୟ,ସମସ୍ତ ରାଜସ୍ବ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଯୋଗାଯୋଗକରନ୍ତୁ କିମ୍ବା www.kalahandi.nic.in ୱେବସାଇଟ ଲଗ୍ ଇନ୍ କରନ୍ତୁ ।ଏହି ଉତ୍ସ ଗୁଡିକ ମଧ୍ୟରୁ ଏକ ବା ଏକାଧିକ ଖଣିଜ ଉତ୍ସ ଟେଣ୍ଡର ପ୍ରକିୟା ନିମ୍ନ ସ୍ବାକ୍ଷରକାରୀ କିମ୍ବା ତାଙ୍କ ଉଚ୍ଚକର୍ତ୍ତୃପକ୍ଷ ଦରଖାସ୍ତକାରୀଙ୍କୁ କାରଣ ନ ଦର୍ଶାଇ ରଦ୍ଦ କରିପାରିବେ ।

## ଖଣିଜ ଉତ୍ସର ତଫସିଲଭୁକ୍ତ ଜମିର ବିବରଣୀ

| କ୍ରନଂ | ମୌଜାର ନାମ | ସୈରାତ ଉତ୍ସର ନାମ | ଖାତା ନଂ | ପ୍ଲଟ ନଂ | କିସମ | ରକବା (ଏକରରେ) |
|---|---|---|---|---|---|---|
| 1 | ଛିଲିପା | ଛିଲିପା ବାଳିଶଯ୍ୟା | 528 | 1043/2679 | ନଦୀ | ଏ 12.35 |
| 2 | ଚିଲଚିଲା | ଚିଲଚିଲା ବାଳିଶଯ୍ୟା | 411 | 1 | ନଦୀ | ଏ12.35 |
| 3 | ତେଲିପଲାସ | ତେଲିପଲାସ ବାଳିଶଯ୍ୟା | 297 | 195 | ନଦୀ | ଏ 12.35 |
| 4 | ତମ୍ବାଛଡା | ତମ୍ବାଛଡା ବାଳିଶଯ୍ୟା | 275 | 1 | ନଦୀ | ଏ 12.35 |
| 5 | ସନ୍ଧୀ କୁଲିହାରୀ | ସନ୍ଧୀ କୁଲିହାରୀ ବାଳିଶଯ୍ୟା | 518 | 2678 | ନଦୀ | ଏ 12.35 |
| 6 | ଲୁହାଗାଁ | ଲୁହାଗାଁ ବାଳିଶଯ୍ୟା | 467 | 1819 | ନଦୀ | ଏ 12.35 |
| 7 | କନାଗାଁ | କନାଗାଁ ବାଳିଶଯ୍ୟା | 369 | 858/1716, 1711 | ନଦୀ | ଏ 9.00+ ଏ 3.35= ଏ 12.35 |
| 8 | ବେହେରା | ବେହେରା ପଥର ଖାଦାନ | 178 | 771 | ପଥର ଚଟାଣ | ଏ 2.34 |
| 9 | ବେହେରାଗୁଡା | ବେହେରାଗୁଡା ପଥର ଖାଦାନ-1 | 11 | 2122 | ପଥର ଚଟାଣ | ଏ 1.58 |
| 10 | ବେହେରାଗୁଡା | ବେହେରାଗୁଡା ପଥର ଖାଦାନ-2 | 11 | 904 | ପଥର ଚଟାଣ | ଏ 1.87 |
| 11 | ଛତାଗହିରା | ଛତାଗହିରା ପଥର ଖାଦାନ | 166 | 286 | ଡୁଙ୍ଗରୀ | ଏ 3.44 |
| 12 | କାଙ୍କେରୀ | କାଙ୍କେରୀ ପଥର ଖାଦାନ | 9 | 595 | ପଥର ଚଟାଣ | ଏ 9.65 |
| 13 | କିର୍କାକାନୀ ✓ | କିର୍କାକାନୀ ପଥର ଖାଦାନ | 5 | 11 | ଡଙ୍ଗର | ଏ 3.00 |
| 14 | ଅଏଁଲାଜୋର | ଅଏଁଲାଜୋର ପଥର ଖାଦାନ | 394 | 2497 | ଡଙ୍ଗର | ଏ 10.00 |
| 15 | ଅଏଁଲାଜୋର | ଅଏଁଲାଜୋର ମରୁମ ଖାଦାନ | 394 | 519 | ଡଙ୍ଗର | ଏ 1.70 |

ବି.ଦ୍ର –ତେଲିପଲାସ ବାଲିଘାଟଓ ଅଏଁଲାୟୋର ପଥର ଖାଦାନ କୁ ସରକାରୀ ରାସ୍ତା ନାହିଁ ନିଲାମଧାରୀ,Rule 11 of OMMC 2016 ଅନୁୟାୟୀ ରାସ୍ତାର ବ୍ୟବସ୍ଥା ନିଜେ କରିବେ ।

20/05/2020

ସ୍ବା. /- ତହସିଲଦାର, ଧର୍ମଗଡ

TAHASILDAR
DHARAMGARH

COURT OF THE TAHASILDAR DHARAMGARH

# ତହସିଲଦାରଙ୍କ କାର୍ଯ୍ୟାଳୟ, ଧର୍ମଗଡ ଜିଲ୍ଲା- କଳାହାଣ୍ଡି

ସଂଖ୍ୟା ୨୮୩ ତାରିଖ ୨୦/୦୪/୨୦୨୦

## ଲଘୁ ଖଣିଜ ଉପ୍ସର ଲିଜ ସକାଶେ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଧର୍ମଗଡ ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ଖାଦାନ ଗୁଡିକର 5 (ପାଞ୍ଚ) ବର୍ଷ ନିମନ୍ତେ ଲିଜ ପାଇଁ ନିମ୍ନସାରଣୀ ମୁତାବକ ତହସିଲଦାର, ଧର୍ମଗଡଙ୍କ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rule -2016 ମୁତାବକ M-Form ପୂରଣକରି ଏହାର ତିନିକିତା ନକଲ ସହ ନିମ୍ନ ଲିଖିତ ଦଲିଲ ସଲଗ୍ନ କରି (sealed cover) ବନ୍ଦ ଲଫାପାରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା. 22.05.2020 ଠାରୁ ତା. 05.06.2020 ରିଖ ଅପରାହ୍ଣ ଘ. 1.00 ସୁଦ୍ଧା (Drop Box) ଲିଜ ବକ୍ସରେ ଭର୍ତ୍ତିହେବା ଆବଶ୍ୟକ । ଉକ୍ତଦିନ ଘ. 1.30 ମିନିଟ ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକୁ ଲିଜ ବକ୍ସରୁ ବାହାର କରି ଯାଞ୍ଚ କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରିଦିଆଯିବ ।

**ଦରଖାସ୍ତ କରିବାର ନିୟମାବଳୀ :-**

୧. ଦରଖାସ୍ତ ଫିଜ ବାବଦକୁ ଟ. ୧୦୦୦/- ଙ୍କା ( ଏକ ହଜାର ଟଙ୍କା )ଟ୍ରେଜେରୀ ଚାଲାଣ Head of Account No-0853-Non-ferrous Mining Metallurgical Industries-102-Mineral Concession Fees, Rents & Royalties ରେ ପଇଠ କରିବେ (ଫେରସ୍ତ ଦିଆଯିବ ନାହିଁ) ।

୨. ଆବେଦନ କରିଥିବା ଜମିର ସଂପୂର୍ଣ୍ଣ ବିବରଣୀ ଓ ନକ୍ସା ସଲଗ୍ନ କରିବା ଆବଶ୍ୟକ ଅଟେ ।

୩. କୌଣସି ମାଇନିଙ୍ଗ ଦେୟ ବକେୟା ନଥିବା ନେଇ ଏକ ସତ୍ୟପାଠର ଆବଶ୍ୟକ ।

୪. ଆବେଦନ କରାଯାଉଥିବା ଲିଜ ଜମି ଯଦି ରୟତି ହୋଇଥାଏ, ତେବେ ସେହି ଜମି ମାଲିକଙ୍କ ସହମତି ସମ୍ୱନ୍ଧୀୟ କାଗଜାତ ସଲଗ୍ନ କରିବା ଅବଶ୍ୟକ ।

୫. ଆବେଦନକାରୀ ଟ. 5,୦୦,୦୦୦/- ( ପାଞ୍ଚ ଲକ୍ଷ ଟଙ୍କା ) ର ବ୍ୟାଙ୍କ ଗ୍ୟାରେଣ୍ଟି ଓ ଅନ୍ୟାନ୍ୟ ସ୍ଥାବର ଅସ୍ଥାବର ସମ୍ପତ୍ତିର ବିବରଣୀ ସଲଗ୍ନ ଆବଶ୍ୟକ ।

୬. ଅନ୍ୟ ବିବରଣୀ ଗୁଡିକ ଯଥା ;- ବୈଷୟିକ ଜ୍ଞାନ, ଦକ୍ଷ୍ୟତା , ଆର୍ଥିକ ସ୍ଥିତି, ଯନ୍ତ୍ରପାତି ଇତ୍ୟାଦି ।

୭. ଭାଟ କ୍ଲିଏରେନ୍ସ ସାର୍ଟିଫିକେଟ ର ନକଲ ।

**ସର୍ତ୍ତାବଳୀ**

୧. ଆବେଦନ କାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ 2016 ଓ ଓଏମଏମସି ରୁଲ 2016 (OMMC Rules-2016) ର ପରିସର ଭୁକ୍ତ ରହିବେ ।

୨. ଲିଜରେ ଭାଗନେବା ପୂର୍ବରୁ ଲଘୁ ଖଣିଜ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧାସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ ।

୩. ଲିଜରେ ସୈରାତ ଚଳଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହି କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୪. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

୫. ସର୍ବୋଚ୍ଚ ଲିଜଧାରୀ ନିଜ ଖର୍ଚ୍ଚରେ ମାଇନିଙ୍ଗପ୍ଲାନ ତିଆରିକରି ଦାଖଲ କରିବେ ନଚେତ ଲିଜ ବାତିଲ କରାଯିବ ।

୬. ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ ଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଏକକ ରୟାଲଟି ରାଶିକୁ ଗୁଣନ କଲେ ଯେଉଁ ପରିମାଣ ର ଅର୍ଥହେବ, ଉକ୍ତ ରାଶି Environment clearance ( ଏନଭିର୍ଣମେଣ୍ଟ କ୍ଲିଏରେନ୍ସ ) ଆଣି ସାରିଲାପରେ ପଇଠ କରିବେ । ସମ୍ପୂର୍ଣ୍ଣ ରାଶି ପଇଠ ହେଲାପରେ ଲିଜ ଧାରୀ ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତିପତ୍ର ( Execution of lease deed ) ସମ୍ପାଦନ କରିବେ ।

୭. ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେଲାପରେ ସ୍ଥିର କରାଯିବ ।

୮. ଲିଜଧାରୀ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଠିକ ହୋଇଥିବା ଅମାନତ ରାଶି ଲିଜ ପ୍ରକ୍ରିୟା ସଂପୂର୍ଣ୍ଣ ହେବାର ୭ ( ସାତ) ଦିନ ମଧ୍ୟରେ ଡିମାଣ୍ଡ ଡ୍ରାଫ୍ଟ / ନଗଦ ଟଙ୍କା ଆକାରରେ ଜମା କରିପାରିବେ ।

୯. ନିର୍ଦ୍ଧିଷ୍ଟ ସମୟସୀମା ମଧ୍ୟରେ ମାଇନିଙ୍ଗ ପ୍ଲାନ ଓ ପରିବେଶ ମଞ୍ଜୁରୀପତ୍ର ଦାଖଲ ନକଲେ ଅମାନତ ରାଶି ବଜ୍ୟାପ୍ତ କରାଯିବ ।

୧୦. ପରିବେଶ ସମ୍ୱନ୍ଧୀୟ ଅନୁମତି ଲିଜଧାରୀ ନିଜ ଦାୟିତ୍ୱ ହାସଲ କରିବେ ।

20/05/2020
Tahasildar
Dharamgarh

୧୧. ପୁନଶ୍ଚ ନିୟମାବଳି ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମାରାଶି ବଜ୍ୟାପ୍ତ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ର ରହିଅଛି ।

୧୨. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖଭାଗରେ ଏକ Display Board ( ଡିସପ୍ଲେ ବୋର୍ଡ଼) ତିଆରି କରି ସେଥିରେ ସୈରାତ ଉତ୍ସର ନାମ, ନକ୍ସା ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏ ସବୁର କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

୧୩. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ ।
କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଖଣିଜ ପଦାର୍ଥ ଉଠେଇପାରିବେ ନାହିଁ ।

୧୪. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ ।

୧୫. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

୧୬. ଜମା ରୟାଲଟିର 5 ପ୍ରତିଶତ ଲିଜଧାରୀ ଆୟକର ( T.C.S ) ବାବଦକୁ ଚଲାନ ଆକାରରେ ଜମା କରିପାରିବେ ।

୧୭. ଲିଜ ର ସମସ୍ତ ସର୍ତ୍ତାବଳୀ ଫାଇଲ କରୁଥିବା ସର୍ବାଧିକ ରୟାଲଟି ଦାଖଲ ପାଇଁ ଆବେଦନ କରିବା ଆବେଦନକାରୀଙ୍କୁ ଲିଜ ଦିଆଯିବ ।

୧୮. ସର୍ବୋଚ୍ଚ ରୟାଲଟି ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ ନ ହେଲେ ତତ୍ପରବର୍ତ୍ତୀ ଆବେଦନକାରୀଙ୍କୁ ସୁଯୋଗ ଦିଆଯିବ ।

୧୯. ସରକାରୀ ରୟାଲଟି ଧାର୍ଯ୍ୟ ଦରଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀଙ୍କର ଏମ-ଫର୍ମ ଖାରଜ କରିଦିଆଯିବ ।

20/05/2020

ତହସିଲଦାର, ଧର୍ମଗଡ
Tahasildar
Dharamgarh

ଜ୍ଞାପକ ସଂଖ୍ୟା ୨୮୪ ତା ୨୦/୦୫/୨୦୨୦

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଧର୍ମଗଡ ଓ ଧର୍ମଗଡ ପଞ୍ଚାୟତ ସମିତି ଅନ୍ତର୍ଗତ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ବିଜ୍ଞାପିତ ଅଞ୍ଚଳ ପରିଷଦ ନୋଟିସ ବୋର୍ଡ, ଧର୍ମଗଡ / ଉପଜିଲ୍ଲାପାଳ, ଧର୍ମଗଡ ଏବଂ ଜିଲ୍ଲାପାଳ, କଳାହାଣ୍ଡି ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ସମସ୍ତଙ୍କର ଅବଗତି ନିମନ୍ତେ ଜଣାଇ ଦିଆଗଲା । ଜିଲ୍ଲା ୱେବସାଇଟରେ ପ୍ରକାଶନ ପାଇଁ D.I.O,NIC ଙ୍କୁ ପ୍ରେରଣ କରାଗଲା ।

20/05/2020

ତହସିଲଦାର, ଧର୍ମଗଡ
Tahasildar
Dharamgarh